ଶନିବାର , ୨୩ ଜୁଲାଇ, ୨୦୨୨

# ପିଲାଙ୍କ ଧରିତ୍ରୀ





## ଖିଲି ଖିଲି ହସ

(ଦୁଇଜଣ ସାଙ୍ଗ ମଧ୍ୟରେ କଥାବାର୍ତ୍ତା)

**ପ୍ରଥମସାଙ୍ଗ–** ଆରେ, ଦେଖ, ମୁଁ ବାଦାମ ଖାଉଛି ?

**ଦ୍ୱିତୀୟସାଙ୍ଗ–** ମୋତେ ଟିକେ ଟେଷ୍ଟ କରିବାକୁ ଦେ ।

**ପ୍ରଥମସାଙ୍ଗ–** ନେ, ତୁ ଗୋଟିଏ ବାଦାମ ଟେଷ୍ଟ କର ।

**ଦ୍ୱିତୀୟସାଙ୍ଗ–** ଆଉ ଦେଉନୁ ?

**ପ୍ରଥମସାଙ୍ଗ–**ଆରେ ସବୁ ବାଦାମର ଟେଷ୍ଟ ଏକା ।

ଦୁଇଟି କକ୍‌ରୋଚ୍ ଏକା ସାଙ୍ଗେ ହସ୍‌ପିଟାଲରେ ଆଡମିଟ୍ ହେଲେ । ଜଣେ ଆଉଜଣଙ୍କୁ ପଚାରିଲା – ତୋର ଏପରି ଅବସ୍ଥା କେମିତି ହେଲା , ସ୍ପ୍ରେ ୟା ଚପଲ ?

ଦ୍ୱିତୀୟ କକ୍‌ରୋଚ୍– ନାହିଁ ସାଙ୍ଗ , ଏମିତି କିଛି ନୁହେଁ, ହେଲେ ମୋତେ ଲୋକ ଦେଖି ଏତେ ଜୋର୍‌ରେ ଚିଲାଇଲେ ଯେ ମୋର ହାର୍ଟ ଆଟାକ୍ ହୋଇଗଲା ।

ଜଣେ ବୃଦ୍ଧବ୍ୟକ୍ତିଙ୍କ ମୁଣ୍ଡରେ ଆଠଟି କେଶ ଥିଲା । ସେ ସେଲୁନ୍‌କୁ ଗଲେ । ସେଲୁନ୍‌ବାଲା ତାଙ୍କୁ ଦେଖି ପଚାରିଲା–ଆଜ୍ଞା,ଆପଣଙ୍କ ଏହି ଆଠଟି କେଶକୁ କାଟିବି ?

ବୃଦ୍ଧବ୍ୟକ୍ତି– ନା'ରେ ପୁଅ କାଟେନା ୟାକୁ ଟିକେ କଲର କରି ଦେ ।

ଫିଲ୍ମ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

# ଜେଜେଙ୍କ ଅସଲ କଥା

## ଗପ

ନିଧିଆ ଜେଜେ ଦାଣ୍ଡ ପିଣ୍ଡାରେ ଥକ୍କା ମାରି ବସି ପଡ଼ିଲେ । ଏହି ସମୟରେ ନାତି ପିଣ୍ଟୁ ଜେଜେଙ୍କ ପାଖେ ବସି ପଡ଼ି କହିଲା, ଜେଜେ, ତୁମ ସମୟର କଥା କିଛି କୁହ ନା ? ଜେଜେ ତାଙ୍କ ପିଲାବେଳଠାରୁ ଆରମ୍ଭ କରି ଏବେ ଯାଏ ସବୁ କିଛି ଗୋଟିକ ପରେ ଗୋଟିଏ ବଖାଣି ଚାଲିଲେ ।

ଜେଜେ କହିଲେ, ଆମ ପିଲାବେଳ, ବହୁ ଦୁଃଖ କଷ୍ଟରେ ବିତୁଥିଲା । ଚାରିଆଡ଼େ ଘଞ୍ଚ ଜଙ୍ଗଲ, ରାସ୍ତାଘାଟର କିଛି ସୁବିଧା ନ ଥିଲା । ଚାଲିଚାଲି କୋଶେ ଦୂର ସ୍କୁଲକୁ ଯିବାଆସିବା କରିବାକୁ ପଡୁଥିଲା । ବିଜୁଳି ଆଲୁଅ ଦେଖିବା ସ୍ୱପ୍ନ । ଅନ୍ଧାରରେ କେବଳ ଲଣ୍ଠନ ଓ ଡିବିରି ବତିରେ କାମ ଚଳୁଥିଲା ।

ଏସବୁ ଶୁଣିସାରିବା ପରେ ପିଣ୍ଟୁ ପଚାରିଲା, ଆଚ୍ଛା ଜେଜେ, ତୁମେ କେଉଁ ଶ୍ରେଣୀ ଯାଏ ପାଠ ପଢିଛ ? ଜେଜେ କହିଲେ, ମୁଁ ସେଇ ପ୍ରଥମ ଶ୍ରେଣୀ ଯାଇଛି, ସିଲଟ ଖଡ଼ି ଧରି ବହୁ ପରିଶ୍ରମ କରି ଅକ୍ଷର ଶିଖିଛି । ପିଣ୍ଟୁ କହିଲା, ଜେଜେ, ତୁମେ ଆଗକୁ ପାଠ ପଢ଼ିଲନି କାହିଁକି ? ପାଠ ପଢ଼ି ଥିଲେ ବଡ଼ ମଣିଷ ହେଇଥାନ୍ତ । ଜେଜେ କହିଲେ, ସେଇଟା ତ ଠିକ୍ କଥା । ହେଲେ ସେତେବେଳେ ଆମେ ପାଠ ଅପେକ୍ଷା ନିଇତି ପରିଶ୍ରମ ଉପରେ ବେଶି ନଜର ଦେଉଥିଲୁ, ଯାହାକି ଆମେ ଆମ ବାପା ଓ ଜେଜେବାପାଙ୍କଠାରୁ ଶିଖିଥିଲୁ । ନିଜ କାମ ନିଜେ କରୁଥିଲୁ । ପରିଶ୍ରମ କରି ଯାହା କିଛି ପାଉଥିଲୁ ସେଥିରେ କଷ୍ଟେମଷ୍ଟେ ଚଳି ଯାଉଥିଲୁ । ରୋଗ କ'ଣ ବୋଲି ଆମେ ଜାଣୁ ନ ଥିଲୁ । କେତେବେଳେ କାଁ ଭାଁ କାହାର ଦେହ ଖରାପ ହେଲେ ଚେରମୂଳି ଔଷଧରେ ଭଲ ହୋଇ ଯାଉଥିଲା ।



ଏବେ କିନ୍ତୁ ଯୁଗ ବଦଳି ଯାଇଛିରେ ନାତିଆ । ଆଉ ସେ ସମୟର ଖାଦ୍ୟ ନାହିଁ କି ପରିଶ୍ରମ ନାହିଁ । ସେତେବେଳେ ମାଟିରେ ଗୋବର ଖତ ଦେଇ ଚାଷବାସ କରି ଖାଦ୍ୟ ଅମଳ କରୁଥିଲୁ । ଏବେ କିନ୍ତୁ ସାର ଦେଇ ଚାଷୀ ମାଟିକୁ ନଷ୍ଟ କରି ଦେଉଛି । ତେଣୁ ସୁଆଦିଆ ଓ ଭଲ ଖାଦ୍ୟ ଆମେ ପାଇବା କେମିତି ? ଆଜିକାଲି ଅନେକେ ପାଠ ପଢ଼ି ଚାକିରିବାକିରି କରି ଚଳୁଛନ୍ତି, ଆଉ କେତେ ଲୋକ ଚାଷବାସ ଓ ବେପାର ବଣିଜ କରି ମଧ୍ୟ ଚଳୁଛନ୍ତି । ହେଲେ କହିଲୁ ଦେଖି ନାତିଆ, ସେମାନଙ୍କ ମଧ୍ୟରୁ କେତେ ଜଣ ଦେହ ଓ ମନ ଲଗାଇ ପରିଶ୍ରମ କରୁଛନ୍ତି ? ଏହା ଶୁଣି ପିଣ୍ଟୁ କହିଲା, ଜେଜେ, ଆମ ଗୁରୁଜୀ କହୁଥିଲେ ଏଇଟା ପରା ବିଜ୍ଞାନ ଯୁଗ, ଆମେ ସବୁ ବିଜ୍ଞାନ ଯୁଗର ପିଲା । ଏବେ ଆମକୁ ଆଉ ପରିଶ୍ରମ କରିବାକୁ ପଡ଼ିବନି । ବିନା ପରିଶ୍ରମରେ ଆମେ ବହୁତ କାମ କରିପାରିବା । ଜେଜେ କହିଲେ, ସେଇଟା ତ ଠିକ୍ କଥା, ହେଲେ ବିନା ପରିଶ୍ରମରେ ସବୁ କିଛି କରିବା ଆଦୌ ଉଚିତ ନୁହେଁ । ନିତି ଦିନ ଅଳ୍ପେ ବହୁତେ ପରିଶ୍ରମ କରିବା ନିହାତି ଦରକାର ନ ହେଲେ ଆମ ଦେହ ଭଲ ରହିବ କେମିତି ? ଖାଦ୍ୟର ଗୁଣ ଧୀରେ ଧୀରେ କମିବାରେ ଲାଗିଛି, ଯାହାକି ଦେହକୁ ସେତେ ବଳ ଦେଉନାହିଁ ।

ଖାଦ୍ୟ ତୁଳନାରେ ପରିଶ୍ରମର ପରିମାଣ ବହୁତ କମି ଯାଇଛି । ତେଣୁ ଦେହର ଗୋଡ଼ ହାତଗୁଡ଼ିକ ଶିଥିଳ ଓ ଦୁର୍ବଳ ହୋଇ ପଡୁଛି । ବହୁତ ଦିନ ରୋଗରେ ପଡ଼ି କିମ୍ବା ନିମିଷେକରେ ଜୀବନ ଚାଲି ଯାଉଛି । ଆରେ ନାତିଆ, ଆଗ ଆମ ଦେହ ଓ ମନକୁ ଭଲ ରଖି ଜୀବନକୁ ରକ୍ଷା କରିବା, ତେବେ ଯାଇ ଆଗକୁ ଆମେ ପାଠ ପଢ଼ି ବଡ଼ ମଣିଷ ହୋଇ ପାରିବା ।

**–ଦେବାଶିଷ ରଥ**
ରାମେଶ୍ୱର, ଖୋର୍ଦ୍ଧା
ମୋ: ୯୯୩୮୭୪୭୮୨୧

## ମତାମତ

❖ 'ବର୍ଷା କାହା ପାଇଁ କେମିତି'ରୁ ପିଲାମାନଙ୍କର ବର୍ଷାଦିନିଆ ମଜାମସ୍ତି ବିଷୟରେ ପଢି ଖୁସି ଲାଗିଲା । ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେଇ ସେମାନେ ବର୍ଷାର ଉପଭୋଗ କରନ୍ତୁ ।

– **ନୀହାରିକା ସାହୁ,** କାଳିଆପାଣି, ଖୋର୍ଦ୍ଧା

❖ 'ଗତ ଥରର ରଙ୍ଗ ଦିଅ' ରେ ପ୍ରକାଶିତ ମହାପ୍ରଭୁଙ୍କର ଶ୍ରୀମୁଖ ବହୁତ ସୁନ୍ଦର ହୋଇଛି ।

– **ପରିଣିତା ସ୍ୱାଇଁ,** ଧର୍ମଶାଳା, ଯାଜପୁର


❖ 'ଏଥରର ?' ସ୍ତମ୍ଭରେ ଦିଆଯାଉଥିବା ପ୍ରଶ୍ନର ଉତ୍ତର ଦେବାକୁ ଭଲ ଲାଗୁଛି । ଠିକ୍ ଉତ୍ତର ପ୍ରକାଶ କରିବା ପାଇଁ ପିଲାମାନଙ୍କୁ ସୁଯୋଗ ଦିଅନ୍ତୁ ।

– **ସୋନା ମହାପାତ୍ର,** କାକଟପୁର, ପୁରୀ

❖ 'ଜଣା ଅଜଣା'ରୁ ଅନେକ ପଶୁପକ୍ଷୀଙ୍କ ବିଷୟରେ ଜାଣିବାକୁ ମିଳିଲା ।

–**ଦେବାଶିଷ କର,** ଆଙ୍କପଦା, ଭଦ୍ରକ

## ରଙ୍ଗ ଦିଅ




## ଗତ ଥରର ରଙ୍ଗ ଦିଅ






ଦିବ୍ୟାଶ୍ରୀ ଦେବାର୍ଚ୍ଚିନା
କ୍ଲାସ୍–୮,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ, ଖଣ୍ଡଗିରି,
ଭୁବନେଶ୍ୱର

## ଚଗଲା ଭୀମ୍ବୁ





ବର୍ତ୍ତମାନ ନିତିଦିନିଆ ଜୀବନରେ ସଭିଙ୍କ ଲାଗି କମ୍ପ୍ୟୁଟର ଏକ ଆବଶ୍ୟକତା ପାଲଟିଯାଇଛି। ଏମିତିକି ଏଥିରୁ ବାଦ୍ ପଡିନାହାନ୍ତି ପିଲାମାନେ। ହୋମୱର୍କ ଠାରୁ ଅନ୍‌ଲାଇନ୍ କ୍ଲାସ୍, ଖେଳ ଅବା କାର୍ଟୁନ ଦେଖିବା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଏହା ମାଧ୍ୟମରେ କରିପାରୁଛନ୍ତି। ତେଣୁ ପିଲାଙ୍କୁ ଏହାର ସମୁଚିତ ବ୍ୟବହାର ସମ୍ପର୍କରେ ଶିକ୍ଷା ଦେବା ଆବଶ୍ୟକ...

# ପିଲାଙ୍କ ପାଇଁ କମ୍ପ୍ୟୁଟର...

ସମୟ ପରିବର୍ତ୍ତନ ସହ ଟେକ୍ନୋଲୋଜିର ମଧ୍ୟ ବିକାଶ ହୋଇ ଚାଲିଛି। ପାଠପଢା ଆଉ ବହି, ଖାତା କିମ୍ବା ବ୍ଲାକବୋର୍ଡରେ ସୀମିତ ହୋଇ ରହିନାହିଁ। ପିଲାମାନେ ଏବେ କମ୍ପ୍ୟୁଟର ଦ୍ୱାରା ସ୍ମାର୍ଟକ୍ଲାସରେ ପଢିବା ସହ ହୋମୱର୍କ ମଧ୍ୟ ଘରେ ବସି କମ୍ପ୍ୟୁଟର ଦ୍ୱାରା କରୁଛନ୍ତି। ବୋରିଂ ଲାଗିଲେ ପିଲାଏ ଏଥିରେ ଭିଡିଓ ଗେମ୍ ଖେଳିବା ସହ ଫିଲ୍ମ ବି ଦେଖିପାରୁଛନ୍ତି। ତେବେ ପାଠ ହେଉ କି ଖେଳ ପିଲାମାନେ କିଭଳି ଭାବରେ କମ୍ପ୍ୟୁଟର ବ୍ୟବହାର କରୁଛନ୍ତି ସେ ସମ୍ପର୍କରେ ଉପସ୍ଥାପନା...

ଏବେ ସ୍କୁଲର ଶ୍ରେଣୀଗୃହ ମଧ୍ୟ ସ୍ମାର୍ଟକ୍ଲାସ୍ ହୋଇଗଲାଣି। ସାର୍ ମାମ୍ ବ୍ଲାକ୍‌ବୋର୍ଡ ଛାଡି ଆମକୁ କମ୍ପ୍ୟୁଟର ଦ୍ୱାରା ପାଠ ପଢାଉଛନ୍ତି। ଏବଂ ମୁଁ ସେସବୁ ଘରେ ଆସି କମ୍ପ୍ୟୁଟରରେ ରିଭିଜନ୍ ମଧ୍ୟ କରିପାରୁଛି। କମ୍ପ୍ୟୁଟରରେ ଆସୁଥିବା ଗ୍ରାଫିକ୍ସ ଭିଡିଓ କିମ୍ବା ଫଟୋ ଦ୍ୱାରା ମୁଁ ସହଜରେ ସବୁ ଜିନିଷ ମନେ ରଖି ପାରୁଛି। ଯାହାକୁ କ୍ଲାସରେ ମାମ୍ ପଚାରିବା ସମୟରେ ମୁଁ ପ୍ରାଞ୍ଜଳ ଭାବରେ କହି ପାରୁଛି।



**-ଆଦ୍ୟାଶା ପଲାଇ** କ୍ଲାସ୍-୪, ହରିଅନ୍ତା ପ୍ରାଥମିକ ବିଦ୍ୟାଳୟ, ଛଣଘର, ରଥପୁରୁଷୋତ୍ତମପୁର, ପୁରୀ

କମ୍ପ୍ୟୁଟର ଖାସ୍ କରି କରୋନା ସମୟରେ ମୋର ବହୁତ କାମରେ ଆସିଥିଲା। ଅନଲାଇନ୍ କ୍ଲାସ୍, ଆସାଇନମେଣ୍ଟ ସବମିଶନ୍ କିମ୍ବା ଅନଲାଇନ୍ ଟେଷ୍ଟ ସବୁକ୍ଷେତ୍ରରେ କମ୍ପ୍ୟୁଟର ନିହାତି ଜରୁରୀ। କମ୍ପ୍ୟୁଟରରେ ବହୁତ ଗୁଡିଏ ଡାଟା ସେଭ୍ କରି ରଖି ହେଉଛି। ଫଟୋ, ଭିଡିଓ, ଡକ୍ୟୁମେଣ୍ଟ ଇତ୍ୟାଦି ସୁରକ୍ଷିତ ଭାବରେ ହାର୍ଡ ଡିସ୍କରେ ମୁଁ ରଖି ପାରୁଛି। ମୋତେ ବିଭିନ୍ନ ପ୍ରକାର ଏଡିଟିଙ୍ଗ କରିବାକୁ ଭଲଲାଗେ। କମ୍ପ୍ୟୁଟରରେ ଫଟୋସପ୍ ଦ୍ୱାରା ସେସବୁ କରି ହେଉଛି।



**-ପ୍ରତ୍ୟୁଷ କୁମାର ସାହୁ,** କ୍ଲାସ୍-୧୦, ଓଡିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା



ପାଠପଢା ବ୍ୟତୀତ କମ୍ପ୍ୟୁଟର ଦ୍ୱାରା ମୁଁ ଆହୁରି ଅନେକ ଜିନିଷ କରିପାରୁଛି। ବାପାଙ୍କୁ ଟ୍ରେନ ଟିକେଟ୍ ବୁକ୍ କରିବାକୁ ହେଲେ ଘରେ ବସି ସେସବୁ ହୋଇପାରୁଛି। କୌଣସି ପରୀକ୍ଷା ପାଇଁ ଫର୍ମ ବି ଅତି ସହଜରେ ପକାଇପାରୁଛି। ଇମେଲ ଦ୍ୱାରା ସ୍କୁଲକୁ ଆସାଇନ୍‌ମେଣ୍ଟ ପଠାଇବା ସହ ମେଲ ମଧ୍ୟ କରିପାରୁଛି।

**-ରିଷଭ ବିଶୋଇ,** କ୍ଲାସ୍-୭, ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



କେବଳ ପାଠପଢା ନୁହଁ କମ୍ପ୍ୟୁଟର ଦ୍ୱାରା ନ୍ୟୁଜ୍ ମଧ୍ୟ ଦେଖିପାରୁଛି ଏବଂ ଭଲ ଭାବେ ବୁଝିପାରୁଛି। ଏଥିସହ ଘରେ ବସି ସ୍କୁଲ୍ ପ୍ରୋଜେକ୍ଟ ବି ଆରାମରେ କରିପାରୁଛି। ଇଣ୍ଟରନେଟ୍ ମାଧ୍ୟମରେ ସବୁ ଜିନିଷ ସର୍ଚ୍ଚ କରିବା ପାଇଁ ସୁବିଧା ହେଉଛି, ଯାହାଦ୍ୱାରା ମୋର ଜ୍ଞାନର ପରିସର ବୃଦ୍ଧି ହେଉଛି।

**-ମହାପ୍ରସାଦ ପଣ୍ଡା,** କ୍ଲାସ୍-୧୦, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାଦୁଆ, ସାକ୍ଷୀଗୋପାଳ, ପୁରୀ



## ପିଲାଙ୍କ ଜ୍ଞାନ ବୃଦ୍ଧି କରିବ କମ୍ପ୍ୟୁଟର ଶିକ୍ଷା

ବର୍ତ୍ତମାନ ସମୟରେ ପିଲାଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ଅପରିହାର୍ଯ୍ୟ ହୋଇପଡିଛି। ପିଲାମାନେ ସ୍କୁଲଶିକ୍ଷା ଶେଷ କଲାପରେ ତାହାର ଆବଶ୍ୟକତା ଆହୁରି ବଢିଯିବ। ନିଜର କର୍ମକ୍ଷେତ୍ର ହେଉ କିମ୍ବା ପାଠପଢା ସବୁଠି କମ୍ପ୍ୟୁଟରର ଉପଯୋଗିତା ରହିଛି। ଯିଏ ଯାହା ଖୋଜିବ ସବୁକିଛି କମ୍ପ୍ୟୁଟର ମାଧ୍ୟମରେ ସହଜରେ ଉପଲବ୍ଧ ହୋଇଯାଉଛି। ତେଣୁ ସ୍କୁଲ ଶିକ୍ଷାରେ କମ୍ପ୍ୟୁଟରର ମୌଳିକ ଶିକ୍ଷା ଜାଣିବା ଏବେ ନିହାତି ଆବଶ୍ୟକ। ଏହାବ୍ୟତୀତ ବର୍ତ୍ତମାନ ସମୟରେ କମ୍ପ୍ୟୁଟରର ଯେ ଅତ୍ୟନ୍ତ ଆବଶ୍ୟକତା ରହିଛି ତାହା ଆମକୁ କରୋନା ଶିଖାଇଛି। ସେ ଅନଲାଇନ୍ ଶିକ୍ଷା ହେଉ କି ଅନଲାଇନ୍ ପରୀକ୍ଷା ସବୁଥିରେ କମ୍ପ୍ୟୁଟର ଜରୁରୀ ହୋଇ ପଡିଛି। ଆମ ଇନଷ୍ଟିଚ୍ୟୁଟ୍‌ରେ ସ୍କୁଲ୍ ପିଲାଙ୍କୁ କମ୍ପ୍ୟୁଟରର ମୌଳିକ ଶିକ୍ଷା(ବେସିକ୍ ନଲେଜ୍) ଏମ୍.ଏସ୍. ଅଫିସ୍, ଟାଇପିଙ୍ଗ୍ ଓ ଇଣ୍ଟରନେଟ୍‌ର ବ୍ୟବହାର ସମ୍ପର୍କରେ ପଢାଯାଉଛି। ଆମେ ସେମାନଙ୍କୁ ଥିଓରିରେ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇବା ସହ ପ୍ରାକ୍ଟିକାଲ୍ କ୍ଲାସ କରି ସମସ୍ତଙ୍କର ଡାଉଟ୍ କ୍ଲିଅର୍ କରାଯାଇଥାଏ। ତେବେ ଏସବୁ ଦୃଷ୍ଟିରୁ ବିଚାର କଲେ ସ୍କୁଲ୍ ପାଠ୍ୟ ଖସଡାରେ କମ୍ପ୍ୟୁଟର ଶିକ୍ଷାର ଅନେକ ଗୁରୁତ୍ୱ ରହିଛି।



**-ଆଶିଷ କୁମାର ଦାଶ,** ମଧୁବନ ଲେନ୍-୨, ପୁରୀ




୧




୨



୩




୪



୫



୬



୭



୮



୯



ତ୍ରୀଶା ମିଶ୍ର
କ୍ଲାସ-୨, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ

୧



ତନିଷ୍କା ପଣ୍ଡା
କ୍ଲାସ- ୪, ଟ୍ରିହାଉସ୍ ହାଇସ୍କୁଲ, ପୁଣେ, ମହାରାଷ୍ଟ୍ର

୨



ପ୍ରଜ୍ଞା ମିଶ୍ର
କ୍ଲାସ- ୧, ଚିନ୍ମୟ ବିଦ୍ୟାଳୟ ଇ. ଏମ୍, ଛେଣ୍ଡ କଲୋନୀ, ରାଉରକେଲା

୩



ସୁମେଧା ମିଶ୍ର
କ୍ଲାସ୍-୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୪



ଦର୍ଶନ ଆଚାର୍ଯ୍ୟ
କ୍ଲାସ୍-୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ବେଗୁନିଆ, ଖୋର୍ଦ୍ଧା

୫



ଚନ୍ଦନା ଦାଶ
କ୍ଲାସ- ୩, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

୬



ସୌରଭ ରଞ୍ଜନ କର
କ୍ଲାସ-୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକ, କଟକ

୭



ଶ୍ରୀନିକା ମିଶ୍ର
କ୍ଲାସ୍-୧, ସେଣ୍ଟ ଜୋସେଫ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର

୮



ଭୂମିକା ପ୍ରିୟଦର୍ଶିନୀ ପାତ୍ର
କ୍ଲାସ-୪, ଗୁଡ୍ ଶେଫର୍ଡ ପବ୍ଲିକ ସ୍କୁଲ, ଦାରିଙ୍ଗବାଡ଼ି, କନ୍ଧମାଳ

୯



## କବିତା

### ବରଷାଋତୁର ରାଣୀ

ନାଲି ଟୁକୁଟୁକୁ ସାଧବବୋହୂଲୋ
ଠୁକୁଠୁକୁ ତୋର ଚାଲି
ଟୁପୁଟୁପୁ ମେଘ ବରଷା ବେଳରେ
କୁଆଡ଼େ ବାହାରୁ ବୁଲି।
ଚୂନାଚୂନା ଘାସ ଗାଲିଚା ଉପରେ
କୁନିକୁନି ପାଦ ଥାପି
ଠପଠପ ଟୋପା ବରଷାରେ ଭିଜୁ
ଲୁଚିଲୁଚି ଲାଜେ ଛପି।
ଗୁଲୁଗୁଲୁ ତୋର ମଖମଲି ଦେହ
ଆଖି ନେଇଯାଏ ଟାଣି
ଚିକିଚିକି ନାଲି ପାଟରେ ଲାଗୁତୁ
ବରଷାଋତୁର ରାଣୀ।

*–ସୌଭାଗ୍ୟ ଲକ୍ଷ୍ମୀ ସେଠୀ*
*ନୟାପଲ୍ଲୀ, ଭୁବନେଶ୍ୱର*



### ବରଷା

ପବନ ବହିଲା ବାଦଲ ଭାସିଲା
କଳା ମେଘ ଉଠେଇଲା,
ବିଜୁଳି ମାରିଲା ଘଡ଼ଘଡ଼ି ଶୁଭିଲା
ବରଷା ମାସ ଆସିଲା।
କୃଷକ ହସିଲା ଲଙ୍ଗଳ ଧରିଲା
ଚାଷ ପାଇଁ ବାହାରିଲା,
ବଳଦ ରଡ଼ିଲା ସଅଳ ଚାଲିଲା
ବରଷା ମାସ ଆସିଲା।
କେତେ ଫୁଲ ଫୁଟିଲା ପବନ ଆସିଲା
ଚଉଦିଗ ମହକିଲା,
ବେଙ୍ଗୁଲୀ ନାଚିଲା କେଁ–କଟର ଶୁଭିଲା
ବରଷା ମାସ ଆସିଲା।

*–କେଦାରନାଥ ସାହୁ*
*ବେହେରାପାଲି, ସୋହେଲା, ବରଗଡ଼*
*ମୋ: ୯୭୭୮୮୯୯୧୧*

### ବରଷା ଆସିଛି

ଧରଣୀ ହସୁଛି ବରଷା ଆସିଛି
ଗାଆଁ ଦାଣ୍ଡେ ପାଣି ପଚ ପଚ
ଚାଳ ପରେ ବସି କୁଆ ରାବୁଥାଏ
ରଙ୍ଗ ତାର କଳା ମଚ ମଚ।
ସବୁଜ ସୁନ୍ଦର ଦିଶେ ଗାଆଁ କ୍ଷେତ
ହସେ ମନ ଭରି ଜୀବଜଗତ
ଝିପି ଝିପି ମେଘେ ମଜା ନେଉଥାନ୍ତି
କୁନି ମୁନି ସୁନି ଗାଇ ଗୀତ।
କାଗଜର ଡଙ୍ଗା ପାଣିରେ ଭସେଇ
ଖୁସିରେ ବିଭୋର କୁନା
ଟିକି ଟିକି ବେଙ୍ଗ ଫକ୍ ଫକ୍ ଡିଏଁ
ଧରିବାକୁ ତାକୁ ଉଚ୍ଛନ୍ନ ସନା।
ଶୀତଳ ବାଆରେ ହସେ ଫୁଲ ଫଳ
ତାଳ ଗଛେ ଝୁଲେ ବାଇ ବସା
ତରତର ହୁଏ ହଳ କରିବାକୁ
ମଜାରେ ଖାଏ ପଖାଳ କଂସା।

*–ପ୍ରତିଭା ସାହୁ*
*ବଇଣ୍ଡା, ହାଇସ୍କୁଲ ରୋଡ୍,*
*ଅନୁଗୋଳ,*
*ମୋ: ୭୦୦୮୨୩୬୯୯୧*

### କରନ୍ତୁ ବୃକ୍ଷରୋପଣ


ଜଗତ କରତା ସରଜିଲେ ମୋତେ
ନାମଟି ରଖିଲେ ବୃକ୍ଷ,
ଜଗତଯାକର ମଙ୍ଗଳ କରିବା
ଜୀବନର ଚିର ଲକ୍ଷ୍ୟ।
ଦେଇଥାଏ ମୁଁ ଯେ ସୁବାସ କୁସୁମ
ସୁସ୍ୱାଦୁ ସୁମିଷ୍ଟ ଫଳ,
ଦିଏ କାଷ୍ଠ, ବସ୍ତ୍ର, ସୁଶୀତଳ ଛାୟା
ଦେଇଥାଏ ପୁଣି ଜଳ।
ଖାଦ୍ୟ, ବସ୍ତ୍ର, ବାସ ଦିଏ ମୁଁ ତୁମକୁ
ତୁମରି ସେବାରେ ରତ,
ପ୍ରକୃତି ରାଣୀର ଅନବଦ୍ୟ ସୃଷ୍ଟି
ଜଗତର ପ୍ରାଣ ମିତ।
ନିଜ ସ୍ୱାର୍ଥ ପାଇଁ ଅହରହ ମୋତେ
କରୁଥାଏ ଉତ୍ପାଟନ,
ବୃକ୍ଷ ନ ରହିଲେ ନିଜେ ନାଶ ଯିବ
ଜଳ ବିନା ଯେହ୍ନେ ମୀନ।
ହେ ମନୁଷ୍ୟଗଣ ! ହୁଅ ସଚେତନ
କର କର୍ତ୍ତବ୍ୟ ପାଳନ,
ଧ୍ୱଂସହେବା ଆଗୁ ଏ ସୁନ୍ଦର ଧରା
କରନ୍ତୁ ବୃକ୍ଷ ରୋପଣ।

*–ମାଧବୀଲତା ଦେଇ*
*ଶ୍ରୀମୁଖ, ନିମାପଡ଼ା, ପୁରୀ*
*ମୋ: ୯୬୯୨୪୮୩୩୭୭*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ଲିମ୍ବୋ ସ୍କେଟିଙ୍ଗ୍‌ରେ ନୂଆ ରେକର୍ଡ

ପିଲାମାନେ, ଏକଥା ତୁମେମାନେ ଶୁଣିଥିବ ଯେ ବହୁତଜଣ ଅନ୍ୟ ରେକର୍ଡ ଭାଙ୍ଗି ନିଜେ ରେକର୍ଡ ସୃଷ୍ଟି କରନ୍ତି। ହେଲେ ତୁମେମାନେ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହେବ, ନିଜ ନାଁରେ ପୂର୍ବରୁ ଥିବା ରେକର୍ଡକୁ ଭାଙ୍ଗି ତୁମପରି ଜଣେ ପିଲା ନୂଆ ରେକର୍ଡ କରିଛନ୍ତି। ମଣିପୁରର ୮ବର୍ଷୀୟ ତିଲୁକ୍ କିଷାମ୍ ଲିମ୍ବୋ ସ୍କେଟିଙ୍ଗ୍‌ରେ ଦକ୍ଷତା ପ୍ରଦର୍ଶନ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ୨୦୧୫ ମସିହାରେ ସେ ଭୂମିଠାରୁ ୨୮ସେମି ଉଚ୍ଚତା ବିଶିଷ୍ଟ ରଡ୍ ତଳୁ ଲିମ୍ବୋ ସ୍କେଟିଙ୍ଗ୍‌ରେ ୧୧୬ ମିଟର ଜାଗାକୁ ଆଣ୍ଠୁ, ପାଦ ଓ ହାତକୁ ଭୂମିରେ ନ ଲଗାଇ ଅତିକ୍ରମ କରିଥିଲେ। ତାଙ୍କୁ ଏହା କରିବାକୁ ୫୬.୦୧ସେକେଣ୍ଡ ଲାଗିଥିଲା। ବର୍ତ୍ତମାନ ସେ ୧୪୫ ମିଟର ଜାଗାକୁ ଗୋଟିଏ ଥରରେ ୫୬.୦୧ସେକେଣ୍ଡରେ ଅତିକ୍ରମ କରିଛନ୍ତି। ୨୦୧୩ରୁ କୋଚ୍ ରୋହତାସ୍ ବିନୋଦିଆଙ୍କ ତତ୍ତ୍ୱାବଧାନରେ ସେ ତାଙ୍କ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ପ୍ରତିଦିନ ସେ ଭୋର ୪ଟାରୁ ଉଠି ୨ଘଣ୍ଟା ଓ ସନ୍ଧ୍ୟା ସମୟରେ ୩ଘଣ୍ଟା ଅଭ୍ୟାସ କରନ୍ତି। ଏବେ ପର୍ଯ୍ୟନ୍ତ ସେ ୪୨ଟି ମେଡାଲ୍‌ରେ ହାସଲ କରିଛନ୍ତି।



## ଏଥରର

- ଭାରତର କେଉଁ ରାଜ୍ୟରେ ଅଧିକ ମ୍ୟୁଜିୟମ ଅଛି ?
- ଭାରତର ପ୍ରଥମ ମହିଳା ରାଜ୍ୟପାଳ କିଏ ?
- ଭାରତର ପୁରୁଣା ବହି ବଜାର କେଉଁ ସହରରେ ଅବସ୍ଥିତ ?
- ଦୁନିଆରେ ସବୁଠାରୁ ଅଧିକ ବୟସ ପର୍ଯ୍ୟନ୍ତ ବଞ୍ଚିଥିବା କୁକୁରର ନାମ କ'ଣ ?
- ବିଶ୍ୱର ସବୁଠାରୁ ପୁରୁଣା ପୋଲୋ କ୍ଲବ୍ କେଉଁଠାରେ ଅଛି ?

## ଗତଥରର ଉତ୍ତର

- ସୂର୍ଯ୍ୟ
- ଆଣ୍ଟାର୍କଟିକା
- ଚିତା ବାଘ
- ଆଫ୍ରିକା
- ଧଳା

## କହିଲ ଦେଖି



ପାଣିସିଏ ପୁଣି ଆକାଶେ ଭାସେ
ମିଶିଥାଏ ଗିରି ଦୂରକୁ ଦିଶେ,
ଓଜନିଆ ହେଲେ ତଳକୁ ଖସେ
ଦେଖି ଚଷା ପୁଅ ବହୁତ ହସେ,
ତା'ପରଶ ପାଇ ଧରଣୀ ବାସେ
ତା'ର ନାମ କୁହ କିଏ ସାହସେ ?

**ଉତ୍ତର– ମେଘ/ବାଦଲ**



ବିଦ୍ୟୁତ୍ ନୁହେଁ କି ବ୍ୟାଟେରି ନୁହେଁ
ସେ ଆସିବା ପରେ ଶବଦ ହୁଏ
କ୍ଷଣିଏ ଧରାକୁ ଆଲୋକ ଦିଏ
ଦେଖି ନର ଆଖି ଝଲସି ଯାଏ
କହିଦେବ ତା'ର ନାମକୁ କିଏ ?

**ଉତ୍ତର– ବିଜୁଳି**



ଦେବଦେବୀଙ୍କର ସେ ଅଟେ ରାଜା
ଅମରାବତୀରେ ଥାଆନ୍ତି
ତାଙ୍କ ଆଶିଷରେ ଝରି ଆସେ ବାରି
ଜୀବ ସବୁ ଖୁସି ପାଆନ୍ତି
ଚାହିଁଲେ ମାରିବେ ଚାହିଁଲେ ତାରିବେ
ଭାରି ଶକ୍ତିଶାଳୀ ସିଏଟି
ରୋକିବାକୁ କେହି ନାହାନ୍ତି
ତାଙ୍କ ପାଇଁ ଧରା ସବୁଜ ଦିଶଇ
କହି ଦିଅ ତାଙ୍କ ନାଆଁଟି ?

**ଉତ୍ତର– ଇନ୍ଦ୍ର**

**–ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, ମହିମା ଗାଦି, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

## ଜଣା ଅଜଣା

### ଛେଳିର ଦାନ୍ତ

ପିଲାଏ ଜାଣିଛ, ଛେଳିର କେବଳ ତଳ ଦାନ୍ତ ଥାଏ ଉପରେ କେବଳ ମାଢ଼ି ଥାଏ। ଛେଳି ଆଖି ଚାରିଆଡ଼କୁ ଦେଖିପାରେ।







### ଓଟର ପାଣିପିଆ

ଓଟକୁ ମରୁଭୂମିର ଜାହାଜ ବୋଲି କୁହାଯାଏ। ସେ ଏକାଥରେ କେତେ ପାଣି ପିଇଥାଏ ଜାଣିଛ ? ଗୋଟିଏ ଓଟ ଏକାଥରେ ୧୦୦ରୁ ୧୫୦ ଲିଟର ପାଣି ପିଇଥାଏ। ଏପରି କି ଶୀତଦିନରେ ୨ମାସ ପାଣି ନ ପିଇ ସେ ବଞ୍ଚିପାରେ।



### କ୍ଷୁଦ୍ର ପ୍ରଜାତିର କୁକୁର

ପିଲାଏ, ବିଭିନ୍ନ ପ୍ରଜାତିର କୁକୁର ଅଛନ୍ତି। ହେଲେ 'ଚିହୁଆହୁଆ' ନାମକ ଏକ ପ୍ରଜାତିର କୁକୁର ଅଛନ୍ତି, ଯାହାକୁ ଦୁନିଆର ସବୁଠୁ କ୍ଷୁଦ୍ରତମ ପ୍ରଜାତି ଭାବରେ ଗ୍ରହଣ କରାଯାଇଛି। ଏମାନେ ସାଧାରଣତଃ ବହୁତ ବୁଦ୍ଧିମାନ ହୋଇଥାନ୍ତି। ଆପଣ ତାଙ୍କୁ ଯାହା ଶିଖାଇଥାନ୍ତି ସେମାନେ ତାକୁ ଖୁବ୍ ସହଜରେ ଅନୁସରଣ କରିଥାନ୍ତି। ଏମାନଙ୍କର ଉଚ୍ଚତା ମାତ୍ର ୧୫-୩୦ସେ.ମି ହୋଇଥିବା ବେଳେ ଓଜନ ୧.୮-୪.୧ କି.ଗ୍ରା ହୋଇଥାଏ।



### ଜିରାଫ ବିଷୟରେ..

ଗୋଟିଏ ଜିରାଫର ଜିଭର ଲମ୍ବ କେତେ ଜାଣିଛ ? ଏହା ହେଉଛି ମାତ୍ର ୨୧ ଇଞ୍ଚ। ଖାସ୍ କଥା ହେଲା ଜିରାଫ ତାହାର ଜିଭ ସାହାଯ୍ୟରେ ନିଜ କାନ ସଫା କରିଥାଏ। ଜିରାଫ ଘୋଡା ପରି କ୍ଷିପ୍ର ବେଗରେ ଦୌଡି ପାରେ। ଓଟ ପରି ସେ ମଧ୍ୟ ଅଧିକ ଦିନ ପର୍ଯ୍ୟନ୍ତ ପାଣି ନ ପିଇ ବଞ୍ଚିପାରେ।

### ଝିଟିପିଟିର ଲାଞ୍ଜ

ଝିଟିପିଟି ନିଜର ଲାଞ୍ଜ ସାହାଯ୍ୟରେ ନିଜକୁ ବିପଦରୁ ରକ୍ଷା କରିଥାଏ। ଯଦି କିଏ ତାହାର ଲାଞ୍ଜକୁ ଧରିନିଏ ତେବେ ସେ ବେଶ୍ ଚତୁରତାର ସହ ନିଜ ଲାଞ୍ଜ ଛିଡାଇ ପଳାଏ। ଆଶ୍ଚର୍ଯ୍ୟର କଥା ଏଇଆ ଯେ, ଝିଟିପିଟିର ଛିଡିଯାଇଥିବା ଲାଞ୍ଜ ପୁଣି ଥରେ ବାହାରି ପ୍ରଥମ ଅବସ୍ଥାକୁ ଫେରି ଆସିଥାଏ।




ଦେବାଂଶୀ ସାହୁ
୫ ବର୍ଷ / ଭୁବନେଶ୍ୱର

ଆ
ଇ
ନା



ସୂର୍ଯ୍ୟନାରାୟଣ ଦାଶ
୬ ବର୍ଷ / ପୁରୀ